## ଉପଜିଲ୍ଲାପାଳ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଦେବୋତ୍ତର, ପାଟଣାଗଡ

**ବିଜ୍ଞାପନ ସଂଖ୍ୟା...୨୩୭୨......... ତାରିଖ.୧୩/୦୫/୨୬........**

ଏତଦ୍ୱାରା ଏହି ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରି ଦିଆଯାଉଅଛି ଯେ, ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା,ପାଟଣାଗଡ଼ର ସୁପରିଚାଳନା ନିମନ୍ତେ ନିମ୍ନ ଲିଖିତ ସମ୍ପତ୍ତି (ଦେବୋତ୍ତର ଜମି) ଗୁଡିକ ୨୦୨୬-୨୭ ଠାରୁ ୨୦୨୮-୨୯ (ତିନି ବର୍ଷ) ପାଇଁ ନିଲାମ କରାଯିବ ।ଇଚ୍ଛୁକ ବ୍ୟକ୍ତିମାନେ ନିଲାମର ସମସ୍ତ ଦସ୍ତାବେଜ www.balangir.odisha.gov.in ରୁ ପାଇପାରିବେ ।ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ବିଡ଼ ଫର୍ମ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟଠାରେ ଉଦ୍ଦିଷ୍ଟ ଥିବା ଜଉମୁଦ ବାକ୍ସରେ ତା.୧୪.୦୫.୨୦୨୬ ରୁ ତା.୨୨.୦୫.୨୦୨୬ ମଧ୍ୟରେ(କେବଳ ସରକାରୀ କାର୍ଯ୍ୟ ଦିବସରେ) ଦିବା ଘ.୧୦.୦୦ପର୍ଯ୍ୟନ୍ତ ପକାଇ ପାରିବେ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଟେଣ୍ଡର ଫର୍ମଟି ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୋତ୍ତର, ପାଟଣାଗଡଙ୍କ କାର୍ଯ୍ୟାଳୟରୁ ପାଇ ପାରିବେ । ନିଲାମ ନିମନ୍ତେ ସମସ୍ତ ଦେୟରାଶି କେବଳ ନଗଦ ଅର୍ଥ ଆକାରରେ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ପକାଇବା ପାଇଁ ଧାର୍ଯ୍ୟ ମୂଲ୍ୟର ୧୦% ରାଶି ଅମାନତ ଜମାଦେଇ ପ୍ରାପ୍ତି ସ୍ୱୀକାର ରସିଦ ଦେବୋତ୍ତର କାର୍ଯ୍ୟାଳୟରୁ ଗ୍ରହଣ କରିବେ, ଯାହାକି ଟେଣ୍ଡର ପେପର ସହ ସଂଲଗ୍ନ ହେବ । ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ ତା. ୨୨.୦୫.୨୦୨୬ ଦିବା ଘ.୧୧.୦୦ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ସମସ୍ତ ଦେବୋତ୍ତର ଉପଦେଷ୍ଟା ବୋର୍ଡ଼ର ସଦସ୍ୟଙ୍କ ଉପସ୍ଥିତିରେ ଖୋଲା ହେବ । ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ସଂପତ୍ତିମାନଙ୍କର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ ତାଙ୍କର ଅମାନତ ଟଙ୍କା ଶେଷ କିସ୍ତିରେ ଯୋଗ ହେବ ଓ ଅନ୍ୟ ମାନଙ୍କର ଅମାନତ ଟଙ୍କା ଫେରସ୍ତ ହେବ ।ପ୍ରତି ବର୍ଷ ନିଲାମ ଦର ୧୦% ବୃଦ୍ଧି କରାଯିବ । ନିଲାମ ଗ୍ରହୀତା ୨୦୨୬-୨୭ ବର୍ଷର ପ୍ରଥମ କିସ୍ତି ଯାହାକି ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟର ୩୦% ରାଶି ଆସନ୍ତା ତା.୩୦.୦୫.୨୦୨୬ ମଧ୍ୟରେ ନିମ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ଦେଇ ନିର୍ଦ୍ଧାରିତ ଫର୍ମରେ ଚୁକ୍ତି ସମ୍ପାଦନ କରିବେ । ୨୦୨୬-୨୭ ବର୍ଷର ଦ୍ୱିତୀୟ କିସ୍ତି ଯାହାକି ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟର ୩୦% ରାଶି ଆସନ୍ତା ତା.୩୧.୦୮.୨୦୨୬ ମଧ୍ୟରେ ଜମା କରିବେ ।ଅବଶିଷ୍ଟ ରାଶି ଶେଷ କିସ୍ତି ବାବଦକୁ ତା.୩୧.୧୨.୨୦୨୬ ମଧ୍ୟରେ ପଇଠ କରିବେ । ୨୦୨୭-୨୮ ଓ ୨୦୨୮-୨୯ ପାଇଁ ପ୍ରଥମ କିସ୍ତି ଯାହାକି ଉକ୍ତ ବର୍ଷର ଧାର୍ଯ୍ୟ ଦରର ୪୦% ଉକ୍ତ ବର୍ଷର ମେ ମାସ ଶେଷ ସୁଦ୍ଧା ପଇଠ କରିବେ ।ଦ୍ୱିତୀୟ କିସ୍ତି ଯାହାକି ଉକ୍ତ ବର୍ଷର ଧାର୍ଯ୍ୟ ଦରର ୩୦% ଉକ୍ତ ବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ପଇଠ କରିବେ । ଶେଷ କିସ୍ତି ଯାହାକି ଉକ୍ତ ବର୍ଷର ଧାର୍ଯ୍ୟ ଦରର ୩୦% ଉକ୍ତ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ପଇଠ କରିବେ । ନିର୍ଦ୍ଧାରିତ ସମୟରେ ନିଲାମ ରାଶି ପଇଠ ନକଲେ ଅମାନତ ଟଙ୍କା ବାଜ୍ୟାପ୍ତ କରାଯାଇ ପୁନଃ ଟେଣ୍ଡର ଆହ୍ୱାନ କରାଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ମୂଲ୍ୟରୁ କମଦର ରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ସର୍ବୋଚ୍ଚ ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର ନିମ୍ନ କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମରେ କେବଳ ପାଟଣାଗଡ ଉପଖଣ୍ଡର ସ୍ଥାୟୀ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଖୁଲାପକାରୀ ମାନଙ୍କୁ ଦିଆଯିବ ନାହିଁ ।

ନିଲାମ ହେବାକୁ ଥିବା ସଂପତ୍ତିର ତାଲିକାର ଓ ଧାର୍ଯ୍ୟ ସରକାରୀ ଦରର ବିବରଣୀ ଏଥି ସହିତ ସଂଲଗ୍ନ କରାଗଲା।

୧୩/୦୫/୨୦୨୬

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ

ଦେବୋତ୍ତର,ପାଟଣାଗଡ

## ନିଲାମ ହେବାକୁ ଥିବା ଶ୍ରୀ ବଳଦେବ ଜୀଉ ମନ୍ଦିର, ବ୍ରହ୍ମପୁରା,ପାଟଣାଗଡ଼ ର ଜମିର ତାଲିକା(୨୦୨୫-୨୬ ରୁ ୨୦୨୮-୨୯) ତିନି ବର୍ଷ

| କ୍ର.ସଂ. | ଜମି ର ନାମ | ଏରିଆ | ଅମାନତ ରାଶି ଟ. | ଧାର୍ଯ୍ୟ ସରକାରୀ ମୂଲ୍ୟ 2026-27 ଟ. | ଧାର୍ଯ୍ୟ ସରକାରୀ ମୂଲ୍ୟ 2027-28 ଟ. | ଧାର୍ଯ୍ୟ ସରକାରୀ ମୂଲ୍ୟ 2028-29 ଟ. |
|---|---|---|---|---|---|---|
| 1 | ଅଏଁଲା ବାହାଲି(କ) | ଏ 2.200 ଡ଼ି. | 1722 | 17215 | | |
| 2 | ଅଏଁଲା ବାହାଲି(ଖ) | ଏ 2.091 ଡ଼ି. | 1836 | 18260 | | |
| 3 | ଅଏଁଲା ବାହାଲି(ଗ) | ଏ 5.000 ଡ଼ି. | 1162 | 11624 | | |
| 4 | ଅଏଁଲା ବାହାଲି(ଘ) | ଏ 5.000 ଡ଼ି. | 1821 | 18206 | | |
| 5 | ଅଏଁଲା ବାହାଲି(ଙ) | ଏ 3.824 ଡ଼ି. | 1876 | 18755 | | |
| 6 | ଆମ୍ବତୋଟା ଆଟ | ଏ 3.824 ଡ଼ି. | 880 | 8801 | | |
| 7 | ଠାକୁର ଭାଗ(କ) | ଏ 3.600 ଡ଼ି. | 4437 | 44366 | | |
| 8 | ଠାକୁର ଭାଗ(ଖ) | ଏ 3.216 ଡ଼ି. | 4400 | 44000 | | |
| 9 | ଠାକୁର ଭାଗ(ଗ) | ଏ 3.216 ଡ଼ି. | 3850 | 38500 | | |
| 10 | ବାଗଘର ଭାଗ(କ) | ଏ 4.429 ଡ଼ି. | 2915 | 29150 | | |
| 11 | ବାଗଘର ଭାଗ(ଖ) | ଏ 2.250 ଡ଼ି. | 1466 | 14658 | | |
| 12 | ବାଗଘର ଭାଗ(ଗ) | ଏ 2.005 ଡ଼ି. | 1661 | 16611 | | |
| 13 | ବାଗଘର ଭାଗ(ଘ) | ଏ 4.450 ଡ଼ି. | 2805 | 28050 | 2026-27 ର ସର୍ବାଧିକ ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟରୁ 10% ଅଧିକ | 2027-28 ର ଧାର୍ଯ୍ୟ ମୂଲ୍ୟରୁ ୧୦% ଅଧିକ ଟ. |
| 14 | ବାଗଘର ଭାଗ(ଙ) | ଏ 2.213 ଡ଼ି. | 660 | 6600 | | |
| 15 | ବାଗଘର ଭାଗ(ଚ) | ଏ 4.897 ଡ଼ି. | 8251 | 8251 | | |
| 16 | ବାଗଘର ଭାଗ(ଛ) | ଏ 4.435 ଡ଼ି. | 1111 | 11111 | | |
| 17 | ବଡ଼ ଆଟ(କ) | ଏ 2.745 ଡ଼ି. | 660 | 6601 | | |
| 18 | ବଡ଼ ଆଟ(ଖ) | ଏ 6.250 ଡ଼ି. | 1111 | 11111 | | |
| 19 | ବଡ଼ ଆଟ(ଗ) | ଏ 3.450 ଡ଼ି. | 1111 | 11110 | | |
| 20 | ବଡ଼ ଆଟ(ଘ) | ଏ 4.730 ଡ଼ି. | 996 | 9956 | | |
| 21 | ବଡ଼ ଆଟ(ଙ) | ଏ 5.049 ଡ଼ି. | 1007 | 10066 | | |
| 22 | ବନ୍ଧତଳ ଭାଗ(କ) | ଏ 2.270 ଡ଼ି. | 1100 | 11001 | | |
| 23 | ବନ୍ଧତଳ ଭାଗ(ଖ) | ଏ 1.148 ଡ଼ି. | 550 | 5501 | | |
| 24 | ମିସ୍ତ୍ରୀ ଭାଗ(କ) | ଏ 3.193 ଡ଼ି. | 2420 | 24200 | | |
| 25 | ମିସ୍ତ୍ରୀ ଭାଗ(ଖ) | ଏ 3.600 ଡ଼ି. | 3300 | 33000 | | |
| 26 | ମେରୁ ବାହାଲି(କ) | ଏ 2.550 ଡ଼ି. | 1650 | 16500 | | |
| 27 | ମେରୁ ବାହାଲି(ଖ) | ଏ 2.529 ଡ଼ି. | 935 | 9351 | | |
| 28 | ହଂସ ଭାଗ(କ) | ଏ 3.725 ଡ଼ି. | 981 | 9813 | | |
| 29 | ହଂସ ଭାଗ(ଖ) | ଏ 2.135 ଡ଼ି. | 2778 | 27776 | | |
| 30 | ହଂସ ଭାଗ(ଗ) | ଏ 2.395 ଡ଼ି. | 1741 | 17413 | | |
| | | ଏ 100.795 ଡ଼ି. | | | | |

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ

ଦେବୋତ୍ତର,ପାଟଣାଗଡ

ଜ୍ଞାପକ ସଂଖ୍ୟା 2373 ତାରିଖ 13/05/26

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା ଭୁବନେଶ୍ୱର ସହ ଯୁଗ୍ମ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ପାଟଣାଗଡ଼ ଉପଖଣ୍ଡର ସମସ୍ତତହସିଲଦାର/ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପାଟଣାଗଡ ଉପଖଣ୍ଡ,ସମସ୍ତ ଦେବୋତ୍ତର କମିଟି ସଦସ୍ୟ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ୍ ବୋର୍ଡ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ ଦେବୋତ୍ତର ମ୍ୟାନେଜର,ପାଟଣାଗଡ଼ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶଦିଆଗଲା ଯେ ବିଜ୍ଞାପନଟି ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା,ପାଟଣାଗଡ଼ ଠାରେ ଛାପିବେ ।

13/05/2026

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ

**ଦେବୋତ୍ତର,ପାଟଣାଗଡ**

ଜ୍ଞାପନ ସଂଖ୍ୟା 2374 ତାରିଖ 13/05/26

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ବିଜ୍ଞାପନକୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

13/05/2026

ଉପଜିଲ୍ଲାପାଳ **ତଥା-କାର୍ଯ୍ୟନିର୍ବାହୀ** ଅଧିକାରୀ

**ଦେବୋତ୍ତର,ପାଟଣାଗଡ**

# ଜଉମୁଦ ଅଭିବ୍ୟକ୍ତି ପ୍ରକାଶନ(Expression of Interest) ନିମନ୍ତେ ଆବେଦନ ଫର୍ମ

## ଆର୍ଥିକ ବର୍ଷ ୨୦୨୬-୨୭ରୁ ୨୦୨୮--୨୯(୩ ବର୍ଷ )

୧.ମନ୍ଦିରର ନାମ:-

୨.ଆବେଦନକାରୀଙ୍କ ନାମ :-

୩. ଗ୍ରାମ:-

୪.ପୋ.ଅ.:-

୫.ଥାନା:-

୬.ସମ୍ପତ୍ତି ର ନାମ:-

୭.ଧାର୍ଯ୍ୟ ସରକାରୀ ମୂଲ୍ୟ:-

୮.ଅମାନତ ଜମା :-

୯.ରସିଦ ନଂ/ତାରିଖ:-

୧୦.ଟେଣ୍ଡର ଆବେଦନ ପାଇଁ ସର୍ବୋଚ୍ଚ ମୂଲ୍ୟ:-

୧୧.ଟେଣ୍ଡର ଆବେଦନ ପାଇଁ ସର୍ବୋଚ୍ଚ ମୂଲ୍ୟ(ଲିଖିତ ଭାବରେ):-

ଘୋଷଣା

ମୁଁ/ଆମ୍ଭେ ..............................................................ଗ୍ରାମ............................ପୋ.ଅ.......................ଥାନା.......................

ଜିଲ୍ଲା....................ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳୀ କୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଯଥା ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ଟେଣ୍ଡର ଦାଖଲକାରୀଙ୍କ

ଦସ୍ତଖତ:

ମୋ.ନଂ: